# ନାଇଜରରେ ହେବ 'ଏମ୍ଫୋ-ଆଇଏସ୍‌ପିପି' ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ

**॥ ପ୍ରଭାନ୍ୟୁଜ୍ ॥ ଜଟଣୀ, ୩।୧ :** ଓଡିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ନାଇଜରରେ ଅନୁଷ୍ଠିତ ହେବାକୁ ଯାଉଛି ଏମ୍ଫୋ-ଆଇ ଏସ୍ ପିପି ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ। ଏହି ସମ୍ମିଳନୀ ଆସନ୍ତା ଜାନୁଆରୀ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୪ ଦିନ ବ୍ୟାପି ଏହି ସମ୍ମିଳନୀରେ ଗଛ ଉପରେ ଆଲୋକ ଓ ଉତାପର ପ୍ରଭାବ, ଆଲୋକର ବ୍ୟବହାରରେ ଉଦ୍ଭିଦ ତଥା କୃଷିର ଉନ୍ନତି ଯାହା କୃଷକମାନଙ୍କ ପାଇଁ ଉପାଦେୟ ହେବ, ସେଇ ସବୁ ବିଷୟ ଉପରେ ଆଲୋଚନା ହେବ। ୨୦୦୧ ମସିହାରେ ଆମେରିକାରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ସମ୍ମିଳନୀ ତାର ଏକାଦଶ ତମ ସମ୍ମିଳନୀକୁ ଭାରତରେ କରିବାକୁ ମନସ୍ଥ କରିଥିଲା। ଯାହାକୁ ନାଇଜରଠାରେ ଆୟୋଜନ କରାଯାଇଛି। ଏଥିରେ ନାଇଜର ତଥା ଓଡିଶାରୁ ଭାଗ ନେଉଥିବା ବୈଜ୍ଞାନିକ ତଥା ଗବେଷକମାନେ ସ୍ଥାନୀୟ




ସମସ୍ୟାକୁ ଲୋକ ଲୋଚନକୁ ଆଣି ପାରିବେ। "ଲୋକାଲ୍ ଫର ଭୋକାଲ୍" ଯାହା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ହୋଇଛି ତାହାକୁ ରୂପାୟନ କରିବା ପାଇଁ ଏହା ଏକ ସ୍ୱତନ୍ତ୍ର ସ୍ଥାନ। ଏହି ସମ୍ମିଳନୀରେ ଚାରିଟି ମହାଦେଶ ଯଥା: ଏସିଆ, ଉତର ଆମେରିକା, ଦକ୍ଷିଣ ଆମେରିକା ଏବଂ ୟୁରୋପରୁ ୮୮ଜଣ ଉଦ୍ଭିଦ ବୈଜ୍ଞାନିକ ଯୋଗ ଦେବେ। ସମ୍ମିଳନୀରେ ଭାରତରୁ ୨୦୦ ରୁ ଊର୍ଦ୍ଧ୍ୱ ଉଦ୍ଭିଦ ବୈଜ୍ଞାନିକ ଯୋଗ ଦେଇ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିବେ। ଏହି ସମ୍ମିଳନୀର ନିଷ୍କର୍ଷ ଯେମିତି କୃଷିର ଉନ୍ନତି କରିପାରିବ ସେଥିପ୍ରତି ସଚେତନତା ସୃଷ୍ଟି କରାଇବ। ଏହି ସମ୍ମିଳନୀର ଆବାହକ ଅଛନ୍ତି ନାଇଜରର ଡ. କିଶୋର ଚନ୍ଦ୍ର ପାଣିଗ୍ରାହୀ। ଆଇସର ଭୋପାଳର ଡ. ସୌରଭ ଦତ, କ୍ରୋଏସିଆସ୍ଥ ଜାଦର ବିଶ୍ୱବିଦ୍ୟାଳୟର ଡ. ଆନ୍ଦ୍ରିଜା ଫିନିକା, ନାଇଜରର ପ୍ରଫେସର ଚନ୍ଦନ ଗୋସ୍ୱାମୀ ଏବଂ ଡ. କେ ହିମାବିନ୍ଦୁ ବାସୁକୀ ସହ-ଆବାହକ ଅଛନ୍ତି। ଏହି ସମ୍ମିଳନୀରେ ଯେଉଁ ପ୍ରଖ୍ୟାତ ବୈଜ୍ଞାନିକମାନେ ଯୋଗ ଦେବେ ସେମାନେ ହେଲେ ଜର୍ମାନୀର ପ୍ରଫେସର ଉଟେ ହୋଏକର, ଅଷ୍ଟ୍ରିଆର ପ୍ରଫେସର ଲିଆମ୍ ଡୋଲାନ୍, ସ୍କଟଲ୍ୟାଣ୍ଡର ପ୍ରଫେସର କାରେନ ହାଲିଡେ, ସୁଇଜରଲ୍ୟାଣ୍ଡର ପ୍ରଫେସର କ୍ରିଷ୍ଟିଆନ ଫ୍ରାଙ୍କ୍‌ହାଉସର ତଥା ପ୍ରଫେସର ରୋମାନ୍ ଉଲମ୍ ଏବଂ ଇଂଲଣ୍ଡର ପ୍ରଫେସର ଗାରେଥ୍ ଜେନ୍‌କିନ୍। ଆନ୍ତର୍ଜାତୀୟ ସ୍ତରର ଏହି ସ୍ୱତନ୍ତ୍ର ସମ୍ମିଳନୀ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବିଦେଶରୁ ଆସୁଥିବା ବୈଜ୍ଞାନିକମାନଙ୍କୁ ସହରର ବଡ ହୋଟେଲରେ ରଖାଯିବାର ବ୍ୟବସ୍ଥା କରାଯାଇଥିଲାବେଳେ ଅନ୍ୟମାନଙ୍କ ପାଇଁ ନାଇଜର ଅତିଥିଶାଳାରେ ବ୍ୟବସ୍ଥା କରାଯାଇଛି ବୋଲି ନାଇଜରର କୁଳସଚିବ ଡ. ଅଭୟ ନାୟକ କହିଛନ୍ତି।

SURYAPRAVA

Article published in: Suryaprava, 04.01.2024, Page No. 7

SCAN ME